# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 June – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ଯାଜପୁର ଜିଲ୍ଲାରେ ଝାଡାବାନ୍ତି ସ୍ଥିତିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ; କହିଲେ ସ୍ଥିତିରେ ଆସିଛି ସୁଧାର
- ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ
- ୨୦୪୭ ସୁଦ୍ଧା ଭାରତ ଓ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ

ଏବଂ

- ବରିଷ୍ଠ ନାଗରିକଙ୍କ ନିର୍ଯାତନାର ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି **ବିଶ୍ୱ ବରିଷ୍ଠ ନାଗରିକ ସୁରକ୍ଷା ଦିବସ**

## ଯାଜପୁର-ଝାଡ଼ାବାନ୍ତି

**ଯାଜପୁର** ଜିଲ୍ଲାରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ନୂଆ ଅଂଚଳକୁ ଝାଡାବାନ୍ତି ବ୍ୟାପି ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଯାଜପୁର ଜିଲ୍ଲା ଗସ୍ତକରି ଶ୍ରୀ ମହାଲିଙ୍ଗ ଝାଡାବାନ୍ତି ବ୍ୟାପିଥିବା ଅଂଚଳରେ ସ୍ଥିତିର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବଡ଼ଚଣା, ଧର୍ମଶାଳା, ଯାଜପୁରରୋଡ, ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଆକ୍ରାନ୍ତମାନଙ୍କର ଚିକିତ୍ସାର ଅନୁଧ୍ୟାନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରରୁ ଆସିଥିବା ସ୍ୱାସ୍ଥ୍ୟସେବା ଓ ଖାଦ୍ୟ ନିରାପତ୍ତା ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।

**- V/O -** ***Mukesh Mahalinga***

ସମୀକ୍ଷା ବୈଠକରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ କୋରେଇ ବିଧାୟକ ଆକାଶଦାସ ନାୟକ ଉପସ୍ଥିତ ଥିଲେ।

## ରଥଯାତ୍ରା ପ୍ରସ୍ତୁତି

ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଆଜି **ପୁରୀ** ଗସ୍ତରେ ଯାଇ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା କରିଛନ୍ତି। ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟାନ୍ୟ

ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀ ଆହୂଜା ଆଲୋଚନା କରିଛନ୍ତି। ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହିତ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସହିତ ମଧ୍ୟ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୂଜା ଆଶା ବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ରଥଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କେତେକ ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଚଳିତବର୍ଷ ସେବାନିବୃତ୍ତ ଅଣସେବକମାନେ ରଥ ଉପରକୁ ଚଢ଼ିବା ଉପରେ କଟକଣା ଜାରି କରାଯାଇଛି। ରଥଟଣା ସମୟରେ ମୋବାଇଲ ଫୋନକୁ ମଧ୍ୟ ନିଷିଦ୍ଧ କରାଯାଇଛି। ଛତିଶାନିଯୋଗ ବୈଠକରେ ଏ ସଂକ୍ରାନ୍ତରେ ଆଜି ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣାପଡିଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଏ ସମ୍ପର୍କରେ ପ୍ରସ୍ତୁତ ଏକ ରିପୋର୍ଟ...

*ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ମହାପ୍ରଭୁଙ୍କୁ ଅନବସର ଘରେ ଦଇତାପତି ସେବକମାନେ ଗୁପ୍ତସେବା ଓ ଉପଚାରରେ ଲାଗିଛନ୍ତି। ଦଇତାପତି ସେବକଙ୍କ ଦ୍ୱାରା ଅଣସର ପିଣ୍ଡିରେ ଗୁପ୍ତ ଚିକିତ୍ସା ଚାଲିଛି। ସ୍ନାନଯାତ୍ରାରେ ପରିଧାନ କରିଥିବା ଓଦାବସ୍ତ୍ର ମହାପ୍ରଭୁଙ୍କର ଶ୍ରୀଅଂଗରୁ ଫିଟାଯିବା ପରେ ଶ୍ରୀଅଂଗ ଫିଟା ନୀତି ଆଜି ଅନୁଷ୍ଠିତ ହେବ।*

*ଜ୍ୱରରେ ପୀଡିତ ମହାପ୍ରଭୁଙ୍କୁ ୫୬ ପଉଟି ଭୋଗ ବଦଳରେ ନାନାଦି ଫଳମୂଳ ସହ କ୍ଷୀର, ଛେନା ଆଦିରେ ପ୍ରସ୍ତୁତ ପଣା ଓ ଚକଟା ଭୋଗ ଲାଗି ହେଉଛି। ଅଣସରରେ ଥିବା ଶ୍ରୀଜୀଉମାନେ ଶୁକ୍ଳବସ୍ତ୍ର ପରିଧାନ କରିବା ସହିତ ଶୁକ୍ଳ ଫୁଲ ଲାଗି ହୋଇଛନ୍ତି। ଆସନ୍ତାକାଲି ପଂଚମୀ ତିଥିରେ ବଡ଼ ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ ଫୁଲୁରୀ ତେଲ ମହାପ୍ରଭୁଙ୍କଂଠାରେ ଲାଗି ହେବା ପରେ ଜ୍ୱର ପୀଡାରୁ ମହାପ୍ରଭୁ ସାମାନ୍ୟ ସୁସ୍ଥତା ଅନୁଭବ କରିବେ ବୋଲି ଆଶା କରାଯାଉଛି।*

***ଲହରିକା ପଟ୍ଟନାୟକ,*** *ଆକାଶବାଣୀ ସମ୍ବାଦ ବିଭାଗ*

## ବିକାଶମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ  ଭାରତ ଏକ ଶକ୍ତିଶାଳୀ ଦେଶ ଭାବେ ପରିଗଣିତ ହୋଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। **ମାଲକାନଗିରି** ଡିଏନ୍‌କେ ଖେଳ ପଡିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକାଶମେଳାର ଚତୁର୍ଥ ଦିନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମଲ୍ଲିକ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ପ୍ରଦାନ ସହିତ ଲକ୍ଷପତି ଦିଦି ସୃଷ୍ଟି କରାଯାଉଛି। ମାଲକାନଗିରି ଜିଲ୍ଲାରେ ୧ ଲକ୍ଷ ୫୧ ହଜାର ୪୪୭ ଜଣ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି।

୨୦୪୭ ସୁଦ୍ଧା ଭାରତ ଓ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ କରିବାକୁ ସମସ୍ତଙ୍କର ସହଯୋଗ ଉପରେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଗୁରୁତ୍ୱାରୋପ କରିଛନ୍ତି ।

**- V/O -** *(Gokulananda Mallick)*

## ୧୧ ବର୍ଷ ପୂର୍ତ୍ତି–ବିକାଶ ମେଳା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ **ରାୟଗଡ଼ା**ଠାରେ ଜିଲ୍ଲାସ୍ତରୀୟ ବିକାଶମେଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ମେଳାର ଚତୁର୍ଥ ଦିବସ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଷ୍ଟଲ୍ ବୁଲିବା ସହିତ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଜନ ମନ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ହିତାଧିକାରୀଙ୍କୁ ନୂତନ ରାସନକାର୍ଡ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର କୃତି ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିକାଶମେଳା

**ବୌଦ୍ଧ** କଚେରୀ ପଡିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶମେଳାରେ ପ୍ରାଣୀ ସମ୍ପଦ ବିଭାଗ, ବନ ବିଭାଗ ଓ ମତ୍ସ୍ୟବିଭାଗ

ପକ୍ଷରୁ ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମେଳାରେ ପ୍ରାଣୀସମ୍ପଦ ବିଭାଗ, ବନ ବିଭାଗ ଓ ମତ୍ସ୍ୟବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ପାରମ୍ପରିକ ଖାଦ୍ୟ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ବିକାଶ ବହନ

**ଢେଙ୍କାନାଳ** ଜିଲ୍ଲା ଗଡ଼ସିଲ୍ଲା ପଂଚାୟତରେ ଆଜି ବିକାଶ ବହନ ପ୍ରବେଶ କରିବା ପରେ ବହୁ ସଂଖ୍ୟାରେ ଲୋକଙ୍କ ସମାବେଶ ହୋଇଥିଲା । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ତୃତୀୟ ପାଳି ଓ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା ।

# ବରିଷ୍ଠ ନାଗରିକ ସୁରକ୍ଷା ଦିବସ

ବରିଷ୍ଠ ନାଗରିକଙ୍କ ବିରୋଧରେ ନିର୍ଯ୍ୟାତନା ଏବଂ ଅବହେଳାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ବରିଷ୍ଠ ନିର୍ଯ୍ୟାତନା ନିରୋଧ ସଚେତନତା ଦିବସ ପାଳନ କରାଯାଉଛି । ସମାଜରେ କ୍ରମବର୍ଦ୍ଧିଷ୍ଣୁ ବରିଷ୍ଠମାନେ ନିଃସଙ୍ଗ, ଉପେକ୍ଷିତ ଓ ନିର୍ଯ୍ୟାତିତ ହେଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କୁ ସଚେତନ କରାଇବା ଏବଂ ସେମାନଙ୍କର ସର୍ବାଙ୍ଗିନ ଉନ୍ନତି ପାଇଁ ୨୦୧୧ ମସିହା ଜୁନ୍

୧୫ ତାରିଖରୁ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- 'ତଥ୍ୟ ଏବଂ କାର୍ଯ୍ୟ ମାଧ୍ୟମରେ ଦୀର୍ଘକାଳୀନ ଯତ୍ନ ସହ ବରିଷ୍ଠ ନାଗରିକଙ୍କ ନିର୍ଯାତନା ସମାଧାନ' ।ବରିଷ୍ଠମାନଙ୍କୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଆଯାଉଥିବା ନିର୍ଯାତନାକୁ ପ୍ରତିହତ କରି ସେମାନଙ୍କର ପରିବାର ଜ୍ଞାତି କୁଟୁମ୍ବ ଓ ସାମାଜିକ ମୂଲ୍ୟବୋଧରେ ବଞ୍ଚିବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୟାସ କରାଯାଉଛି । 'ଭାରତ ସରକାର ୨୦୦୭ ମସିହାରେ ଅଭିଭାବକ ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ' ନାମରେ ଏକ ଆଇନ୍ ପ୍ରଣୟନ କରିଛନ୍ତି । ରାଜ୍ୟ ସରକାର ୨୦୦୯ ଏବଂ ୨୦୧୬ ମସିହାରେ ବରିଷ୍ଠ ନାଗରିକଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ 'ଅବଦାନ' ନାମରେ ଏକ ଯୋଜନା ପ୍ରଣୟନ କରିଛନ୍ତି । ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଏବଂ ସୁରକ୍ଷା ଦେବା ସମ୍ପର୍କରେ ସଚେତନ କରିବା ନେଇ ଆଜି ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ  କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ବିଶ୍ୱ ବୟସ୍କ ନିର୍ଯାତନା ଦିବସ-ଜିଲ୍ଲା

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଦ୍ୱାରା ଚାରିଛକସ୍ଥିତ ବନଦୁର୍ଗା ବୃଦ୍ଧାଶ୍ରମଠାରେ ବିଶ୍ୱ ବୟସ୍କ ନିର୍ଯାତନା ନିରୋଧ ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କର ବିଭିନ୍ନ ଆଇନ ଏବଂ ସହାୟତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା

ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ସମେତ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

## ରଜ ସଂକ୍ରାନ୍ତୀ

ପବିତ୍ର ରଜ ଉତ୍ସବର ଦ୍ୱିତୀୟ ଦିନରେ ଆଜି ରଜ ସଂକ୍ରାନ୍ତୀ ଆଜି ପାଳନ ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ବ୍ୟକ୍ତିବିଶେଷ ଏବଂ ସାମାଜିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ରଜ ଉତ୍ସବର ତୃତୀୟ ଦିନରେ ଆସନ୍ତାକାଲି ଭୂମିଦହନ ପାଳନ କରାଯିବ। ଚତୁର୍ଥ ଦିନ ବସୁମତି ସ୍ନାନ ଉତ୍ସବ ପାଳନ କରାଯାଇ ରଜ ପର୍ବ ଶେଷ ହେବ। ଆଜି ରଜ ସଂକ୍ରାନ୍ତି ଉପଲକ୍ଷେ ପୁରୀ ଜିଲ୍ଲା ବ୍ରହ୍ମଗିରିର ମା’ ବାଲି ହରଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ମା’ଙ୍କର ସରସ୍ୱତୀ ବେଶ ହେବ ବୋଲି ଜଣାପଡ଼ିଛି।

**ବୌଦ୍ଧ** ଜିଲ୍ଲାର ଗାଁଠାରୁ ସହର ପର୍ଯ୍ୟନ୍ତ ରଜ ଉତ୍ସବ ପାଳନ କରାଯାଉଛି। ଉତ୍ସବମୁଖର ବୌଦ୍ଧରେ ରଜପର୍ବ ପାଳନ ସହିତ ଘରେ ଘରେ ପୋଡ ପିଠା, କାକରା, ଆରିଷା, ମୁଡ଼ିନଡିଆ ଭଳି ସୁସ୍ୱାଦୁ ଖାଦ୍ୟ ଆଦାନପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆସନ୍ତା ୭ ଦିନ ମଧ୍ୟରେ  ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି  ବୋଲି ଭୁବନେଶ୍ୱର

ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ବର୍ଷା ଯୋଗୁଁ ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡ଼ିଗ୍ରୀ ହ୍ରାସ ପାଇବାର ସମ୍ଭାବନା  ରହିଛି। ସୂଚନା ଅନୁସାରେ, ଆଜି ଅପରାହ୍ଣରେ ବଜ୍ରପାତରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି।

ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି।

**********************************